# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 May - 2025

******************************

## ମୁଖ୍ୟ ସମ୍ବାଦ

- ତମାଖୁ ସେବନ ଜନିତ କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ତମାଖୁ ବର୍ଜନ ଦିବସ

– ମିଳିତ ପ୍ରୟାସ ଓ ସଚେତନ ଦ୍ୱାରା ତମାଖୁ ମୁକ୍ତ ସମାଜ ଗଠନ ସମ୍ଭବ; କହିଲେ ମୁଖ୍ୟମନ୍ତ୍ରୀ

- ଢେଙ୍କାନାଳ ସ୍ଥିତ ଆଇ.ଆଇ.ଏମ୍.ସି. କାର୍ଯ୍ୟକାରିତାର ସମୀକ୍ଷା କଲେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ

ଏବଂ

- ପବିତ୍ର ଷଷ୍ଠୀରେ ଆଜି ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାର ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ହେବ ଅନୁଷ୍ଠିତ

***BHK/Desk***

# ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତ ବର୍ଷର ବାର୍ତ୍ତା ରହିଛି **ତମାଖୁ ସେବନର ନିବେଦନକୁ ପ୍ରତ୍ୟାଖାନ କରିବା; ତମାଖୁର ପ୍ରଚାର ପ୍ରସାର କରୁଥିବା ବ୍ୟବସାୟିକ କୌଶଳର ସତ୍ୟତା ଲୋକଲୋଚନକୁ ଆଣିବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

ଭଦ୍ରକଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧିର ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍ ଜନିତ ରୋଗ ହୃଦ୍‌ଘାତ ଆଦି ରୋଗ ହେଉଥିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ

ତମାଖୁ ସେବନ ନିରୋଧ ଉପରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ନର୍ସିଂ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

***Desk***

## ମୁଖ୍ୟମନ୍ତ୍ରୀ– ତମାଖୁ ବର୍ଜନ ଦିବସ

ମିଳିତ ପ୍ରୟାସ ଓ ସଚେତନତା ଦ୍ୱାରା ତମାଖୁ ମୁକ୍ତ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ 'ଆମ ସଂକଳ୍ପ : ନିଶା ନୁହେଁ ଜୀବନ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବିଶ୍ୱରେ ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ନିରନ୍ତର ପ୍ରୟାସ ଦ୍ୱାରା ତମାଖୁ ବର୍ଜନ ଦିବସକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରତିଷ୍ଠାନ, ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ମାସେବ୍ୟାପୀ ଚାଲିବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଲୋଗୋ ଏବଂ ଟେଲିଭିଜନ ବିଜ୍ଞାପନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି....

**- V/O -**

ସୂଚନାଯୋଗ୍ୟ, ଆଜିଠାରୁ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୨୬ ତାରିଖ ଅର୍ନ୍ତଜାତୀୟ ନିଶାସେବନ ଓ ବେଆଇନ କାରବାର ନିରୋଧ ଦିବସ ପର୍ଯ୍ୟନ୍ତ ଚାଲିବ ।

*DHNKL*

## ଜନସଂଚାର ସଂସ୍ଥାନ ସମୀକ୍ଷା

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଆଜି ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ ଆଇ.ଆଇ.ଏମ୍.ସି. ଗସ୍ତ କରି ସଂସ୍ଥାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଇ.ଆଇ.ଏମ୍.ସି. ଭିତ୍ତିଭୂମିର ଉନ୍ନତି କରଣ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିଯୁକ୍ତି, ନୂତନ ପାଠ୍ୟକ୍ରମ, ସ୍ନାତକୋତ୍ତର ଡିଗ୍ରୀ ବ୍ୟବସ୍ଥା ଆଦି ବିଷୟରେ ଆଇ.ଆଇ.ଏମ୍.ସି.ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ସହ ସଚିବ ଶ୍ରୀ ଜାଜୁ ଆଲୋଚନା କରିଥିଲେ ।

*HS*

## ମୁଖ୍ୟମନ୍ତ୍ରୀ– ଗୋଶାଳା

ରାଜ୍ୟରେ ଦୁଗ୍ଧ ଚାଷକୁ ଦ୍ୱିଗୁଣିତ କରିବା ନିମନ୍ତେ ଆସନ୍ତାକାଲି ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ୭୫ଟି ଗୋଶାଳାକୁ ୧୦ କୋଟି ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଛନ୍ତି । ପୂର୍ବରୁ ୬୬ଟି ଗୋଶାଳାକୁ ୯ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସରକାର କାମଧେନୁ ଯୋଜନାରେ ୭୦ ପ୍ରତିଶତ ସବ୍‌ସିଡିରେ ଚାଷୀମାନଙ୍କୁ ଗାଈ ଯୋଗାଇ

ଦେଉଛନ୍ତି । ଓମଫେଡ୍ ସଂସ୍ଥାକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯିବା ସହ ଚାଷୀଙ୍କୁ ଗୋଖାଦ୍ୟ ଓ ଘାସ ଚାଷ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

***Sambalpur***

## ଧର୍ମେନ୍ଦ୍ର ପ୍ରଧାନ- ଅଭୟାରଣ୍ୟ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି ବାମରା ବନଖଣ୍ଡ ଯମନକିରା ବ୍ଲକ ବଡ଼ରମା ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ ବନଖଣ୍ଡ ଅଧିକାରୀଙ୍କ ସହ ଅଭୟାରଣ୍ୟର ଉନ୍ନତିକରଣ ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ।

***HS/Sambalpur/BHK***

## ଶୀତଳଷଷ୍ଠୀ–ଦେବ ନିମନ୍ତ୍ରଣ

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇ ଉଠିଛି । ଆଜି କନ୍ୟାପିତାଙ୍କ ଗଣ୍ଠାଳପିଠା ହଳଦୀ କାର୍ଯ୍ୟକ୍ରମ ହୋଇଥିବାବେଳେ ରାତିରେ ବରଯାତ୍ରୀ ତଥା ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବରବେଶରେ ଦେବ ଦେବ ମହାଦେବ ସୁସଜ୍ଜିତ ହୋଇ ବରଯାତ୍ରୀ ସହ କନ୍ୟା ପାର୍ବତୀଙ୍କ ଘରକୁ ଯାତ୍ରା କରିବେ । ଏ ସମ୍ପର୍କରେ ଆମର ସମ୍ବଲପୁରର ସମ୍ବାଦଦାତାଙ୍କ ରିପୋର୍ଟ...

**- V/O -**

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖମଣ୍ଡଳମଣିଙ୍କ ପୀଠରେ ଆଜି ସନ୍ଧ୍ୟାରେ ପ୍ରଭୁ ଶିବଙ୍କୁ ଶୋଭାଯାତ୍ରାରେ ପାଲିଙ୍କିରେ ନିଆଯାଇ ମାତା ପାର୍ବତୀଙ୍କ ଘରେ ପହଁଞ୍ଚାଯିବ। ମଧ୍ୟରାତ୍ରୀରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ରାଜ୍ୟପାଳ ହରିବାବୁ କମ୍ଭମପାଟି ପବିତ୍ର ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଦେବଦମ୍ପତ୍ତିଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

***DHNKL***

## ଜିଲ୍ଲାସ୍ତରୀୟ କମିଟି ବୈଠକ

ଢେଙ୍କାନାଳଠାରେ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ସାମଗ୍ରୀକ ବିକାଶ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା, ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନଙ୍କ ସମ୍ମାନର ସହ ବଞ୍ଚିବା ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କ ବିଶେଷ କାର୍ଯ୍ୟକ୍ରମର ସଫଳ ରୂପାୟନ

ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ୪୦ ଜଣିଆ କମିଟି ମଧ୍ୟ ଗଠନ କରାଯାଇଛି ।

***BBSR/R***

## ଏନ୍‌ସିଆର୍‌ଟି- ନାମଲେଖା

କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଏନ୍.ସି.ଆର୍.ଟି'ର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ଆବେଦନ କରାଯାଉଛି । ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଭୁବନେଶ୍ୱର, ଭୋପାଳ, ଆଜମେର, ମହୀଶୂର, ମେଲୋର ଏବଂ ସିଲଙ୍ଗରେ ବି.ଏ., ବି.ଇଡି, ବି.ଏସ୍.ସି, ବି.ଇଡି- ଏମ୍.ଇଡି, ଏମ୍.ଏସ୍‌ସି.ଇଡି ଆଦି ଶିକ୍ଷାଭିତ୍ତିକ ଅଧ୍ୟୟନରେ ନାମଲେଖା ପାଇଁ ସି.ଇ.ଇ. ପରୀକ୍ଷା ଆସନ୍ତା ମାସ ୨୯ ତାରିଖରେ ଅନୁଷ୍ଠିତ ହେବ । କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବ । ଚଳିତ ବର୍ଷ ଆବେଦନର ଶେଷ ତାରିଖ ୧୭ ତାରିଖ ରହିଛି । ଅଧିକ ଜାଣିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ www.riebbs.ac.in. ରେ ଲଗଇନ୍ କରିବା ସହ ହେଲପଲାଇନ୍ ନମ୍ବର ୦୨୨-୬୧୩-୦୬୨୭୧ରେ ଯୋଗାଯୋଗ କରିପାରିବେ ।

***Boudh***

## ବିକାଶ ମେଳା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ପାରମ୍ପରିକ ଖାଦ୍ୟ ଉତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସହରର କଚେରୀ ପଡ଼ିଆଠାରେ ଆସନ୍ତା ମାସ ୧୧ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବର ଆୟୋଜନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଜିଲ୍ଲାରେ ତିନୋଟି ସଚେତନତା ରଥ ବାହାରି ବୌଦ୍ଧ, ହରଭଙ୍ଗା, କଣ୍ଟାମାଳ ବ୍ଲକ ଏବଂ ବୌଦ୍ଧ ବିଜ୍ଞପିତ ପରିଷଦ ଅଞ୍ଚଳ ପରିଦର୍ଶନ କରିବ।

***Nuapada***

## ଧାନସଂଗ୍ରହ ବାଧାପ୍ରାପ୍ତ

ନୂଆପଡ଼ା ଜିଲ୍ଲାରେ ଅଦିନିଆ ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହେବା ସହ ଧାନସଂଗ୍ରହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଧାନବିଲରେ ଧାନ ଗଜା ହୋଇଥିବା ସମ୍ପର୍କରେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ ପାଇଁ ଚାଷୀକୂଳ ପକ୍ଷରୁ ଦାବି କରାଯାଇଛି।

***BHK***

## ସଡ଼କ ସୁରକ୍ଷା ବୈଠକ

ଭଦ୍ରକଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ୪୩ତମ ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରମୁଖ ଛକମାନଙ୍କରେ ସିସିଟିଭି ସ୍ଥାପନ, ୧୮ ବର୍ଷ ବୟସର କମ ପିଲାମାନଙ୍କୁ ଗାଡ଼ି ଚଳାଇବା ଉପରେ ବାରଣ, ଜାତୀୟ ରାଜପଥରେ ହୋର୍ଡିଂ ଆକାର ବଡ଼ କରିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ସମେତ ବୈଠକରେ ଯୋଗ ଦେଇଥିଲେ।

***Boudh***

## ସର୍ବେକ୍ଷଣ ରିପୋର୍ଟ

ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଓ ବୌଦ୍ଧ ବ୍ଲକରେ ୨୦୨୪-୨୫ ବର୍ଷରେ ଝିଅଙ୍କ ସଂଖ୍ୟା ତୁଳନାରେ ପୁଅ ଅଧିକ ରହିଥିବା ସମ୍ପର୍କରେ ଏକ ସର୍ବେକ୍ଷଣ ରିପୋର୍ଟ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ' ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ଉପଦେଷ୍ଟା କମିଟି ବୈଠକରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି।

# ମନିଟରିଂ କମିଟି ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ 'ଜନସାଧାରଣଙ୍କ ପାଇଁ ଆଧାରକାର୍ଡର ଜରୁରୀ ଏବଂ ଏହାକୁ ପ୍ରତି ୧୦ ବର୍ଷ ମଧ୍ୟରେ ଅପଡେଟ୍ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଧାରକାର୍ଡ ମାଧ୍ୟମରେ ସମସ୍ତ ସରକାରୀ ଯୋଜନାର ଲାଭ ଉଠାଇବା, 'ଗୋଟିଏ ରାଷ୍ଟ୍ର, ଗୋଟିଏ ରାସନ କାର୍ଡ ସୁବିଧା' ସମ୍ପର୍କରେ ଆଲୋକପାତ କରିଥିଲେ।